# ଓଡିଶାରେ ସୂଚନା ଅଧିକାର ଆଇନ୍ ୨୦୦୫ର ସଫଳ ପ୍ରୟୋଗ ପାଇଁ କେତେକ ଜାଣିବା କଥା

**ଆଇନ୍ ଓ ନିୟମାବଳୀ ସମ୍ବନ୍ଧରେ ପ୍ରାଥମିକ ସୂଚନା-**

ସୂଚନା ଅଧିକାର ଆଇନ୍ ୨୦୦୫ ଏକ ଜାତୀୟ ସ୍ତରର ଆଇନ୍ ଯାହାକି ସଂସଦ ଦ୍ୱାରା ଗୃହୀତ ହେଲା ପରେ ୧୫ଜୁନ୍ ୨୦୫ରେ ଗେଜେଟ୍‌ରେ ପ୍ରକାଶିତ ହେବା ସହିତ ଆଂଶିକ ଭାବେ ଲାଗୁହୋଇ ୧୨ ଅକ୍ଟୋବର ୨୦୦୫ରେ କେବଳ ଜାମ୍ମୁ ଓ କାଶ୍ମୀରକୁ ବାଦ୍ ଦେଇ ଓଡିଶା ସମେତ ଦେଶର ସବୁ ଅଞ୍ଚଳ ପାଇଁ ଲାଗୁ ହୋଇଥିଲା । ଏହି ଆଇନ୍ ଲାଗୁ ହେବା ପରେ ସୂଚନା ଅଧିକାର ଉପରେ ଯେତେସବୁ ପ୍ରାଦେଶିକ ଆଇନ୍ ଥିଲା (ଯଥା ତାମିଲନାଡୁ, ଗୋଆ, ମହାରାଷ୍ଟ୍ର, ରାଜସ୍ଥାନ, ଦିଲ୍ଲୀ, ମଧ୍ୟପ୍ରଦେଶ, କର୍ଣ୍ଣାଟକ ଓ ଆସାମରେ), ସେଗୁଡିକ ତଥା ଜାତୀୟ ସ୍ତରରେ ପୂର୍ବରୁ ପ୍ରବର୍ତ୍ତୀତ ହୋଇଥିବା ସୂଚନାର ସ୍ୱାଧୀନତା ଆଇନ୍ ୨୦୦୨ ପ୍ରତ୍ୟାହୃତ ହୋଇଥିଲା । ଏହା ସମିଧାନର  ସପ୍ତମ ଅନୁସୂଚୀରେ ଥିବା କେନ୍ଦ୍ରୀୟ ତାଲିକା ଅନ୍ତର୍ଭୁକ୍ତ ବିଷୟସୂଚୀ ଅନୁଯାୟୀ ପ୍ରଣୀତ ଏକ ଆଇନ୍ ହୋଇଥିଲେ ହେଁ ଏହାର ଧାରା ୨୭ ଅନୁଯାୟୀ ଉଭୟ କେନ୍ଦ୍ର ଓ ବିଭିନ୍ନ ରାଜ୍ୟ ରାଜ୍ୟ ସରକାରମାନଙ୍କୁ ତଥା ଧାରା ୨୮ ଅନୁଯାୟୀ କେତେକ କ୍ଷମତାପ୍ରାପ୍ତ କର୍ତ୍ତୃପକ୍ଷ (ଯଥା ସୁପ୍ରିମ୍ କୋର୍ଟ ଓ ହାଇକୋର୍ଟମାନଙ୍କର ମୁଖ୍ୟ ବିଚାରପତି, ଲୋକସଭା ଓ ରାଜ୍ୟ ଆଇନ୍ ସଭାର ବାଚସ୍ପତି, ତଥା ସମିଧାନ ଦ୍ୱାରା ବା ଅଧୀନରେ ପ୍ରତିଷ୍ଠିତ ଜନକର୍ତ୍ତୃପକ୍ଷଙ୍କ ପାଇଁ ରାଷ୍ଟ୍ରପତି ଓ ରାଜ୍ୟପାଳ) ନିଜନିଜ ପ୍ରଭାବ କ୍ଷେତ୍ରରେ ଆଇନ୍‌ର ସୁଚାରୁ କାର୍ଯ୍ୟକାରିତା ପାଇଁ ଉପଯୁକ୍ତ ନିୟମାବଳୀ ପ୍ରଣୟନ କରିବା ପାଇଁ ସେମାନଙ୍କୁ ଆପେକ୍ଷିକ ସ୍ୱାଧୀନତା ଦିଆଯାଇଥିଲା । 'ଆପେକ୍ଷିକ ସ୍ୱାଧୀନତା'ର ଅର୍ଥ ଜାତୀୟ ଆଇନ୍‌ର ମୂଳ ଭାବ ଓ ଭାଷାକୁ ଉଲ୍ଲଂଘନ ନକରି ସେମାନେ ନିଜନିଜ ପରିସରରେ କିଭଳି ଆଇନ୍‌କୁ ଫଳପ୍ରଦଭାବେ କାର୍ଯ୍ୟକାରୀ କରାଇବେ, ସେହି ଉଦ୍ଦେଶ୍ୟରେ ନିୟମାବଳୀ ପ୍ରସ୍ତୁତ କରିବେ ଏବଂ ତାହା ଗେଜେଟ୍‌ରେ ବିଧିବଦ୍ଧ ଭାବେ ପ୍ରକାଶ ପାଇବ । ମନେ ରଖିବାକୁ ହେବ, ଗେଜେଟ୍‌ରେ ପ୍ରକାଶ ପାଇଲା ପରେ ହିଁ ସଂପୃକ୍ତ ଦଲିଲ୍‌ଟି ନିୟମାବଳୀର ମାନ୍ୟତା ପାଇବ, ତାହା ପୂର୍ବରୁ ନୁହେଁ । କେନ୍ଦ୍ର ସରକାର ଓ ଓଡିଶା ସମେତ ବିଭିନ୍ନ ରାଜ୍ୟ ସରକାର ତଥା ବିଭିନ୍ନ କ୍ଷମତାପ୍ରାପ୍ତ କର୍ତ୍ତୃପକ୍ଷମାନେ ଅଲଗା ଅଲଗା ନିୟମାବଳୀ ପ୍ରଣୟନ କରିସାରିଛନ୍ତି । ଏଠାରେ ସୂଚନାଯୋଗ୍ୟ ଯେ, ସୂଚନା ଅଧିକାର ଆଇନ୍ ଅନୁଯାୟୀ, ଭାରତର ଜଣେ ନାଗରିକ ଦେଶର ଯେ କୌଣସି ସ୍ଥାନରେ ବସି ଦେଶର ଯେ କୌଣସି ସୁଦୂର ସ୍ଥାନରେ ଅବସ୍ଥିତ ଯେ କୌଣସି କେନ୍ଦ୍ରୀୟ ବା ରାଜ୍ୟ ଜନ କର୍ତ୍ତୃପକ୍ଷ ବା କ୍ଷମତାପ୍ରାପ୍ତ କର୍ତ୍ତୃପକ୍ଷଙ୍କ ଦପ୍ତରରୁ ସୂଚନା ସଂଗ୍ରହ କରିପାରିବେ । କିନ୍ତୁ ବସ୍ତୁତଃ ଲକ୍ଷ୍ୟ କରାଯାଇଛି ଯେ କେନ୍ଦ୍ର ସରକାର, ରାଜ୍ୟ ସରକାରମାନେ ତଥା କ୍ଷମତାପ୍ରାପ୍ତ କର୍ତ୍ତୃପକ୍ଷମାନେ ନିଜର ନିଜର ସୁବିଧା ଅନୁଯାୟୀ ଅଲଗା ଅଲଗା ନିୟମାବଳୀ ପ୍ରଣୟନ କରିବା ଯୋଗୁଁ ସାଧାରଣ ନାଗରିକ ସୂଚନା ହାସଲ ପାଇଁ ଅଲଗା ଅଲଗା ପଦ୍ଧତି ଅନୁସରଣ କରିବାକୁ ବାଧ୍ୟ ହେଉଛି ଏବଂ ତା ଫଳରେ ବିଭିନ୍ନ ପ୍ରକାର ଜଟିଳତା ଓ ସମସ୍ୟାର ସମ୍ମୁଖୀନ ହେଉଛି । ସୁତରାଂ କେନ୍ଦ୍ର, ରାଜ୍ୟ ଏବଂ କ୍ଷମତାପ୍ରାପ୍ତ କର୍ତ୍ତୃପକ୍ଷମାନେ ପ୍ରଣୟନ କରିଥିବା ନିୟମାବଳୀ ଭିତରେ ଥିବା ଉଭୟ ସ୍ଥୁଳ ଏବଂ ସୂକ୍ଷ୍ମ ପାର୍ଥକ୍ୟଗୁଡିକୁ ଆମେ ଭଲ ଭାବେ ବୁଝିବା ଉଚିତ୍ , ଯାହା ଫଳରେ ନିର୍ଦ୍ଦିଷ୍ଟ ଏକ ଜନ କର୍ତ୍ତୃପକ୍ଷଙ୍କ ଠାରୁ ଆମେ ସୂଚନା ହାସଲରେ ସଫଳ ହେବା ସହିତ ବିଭିନ୍ନ ନିୟମାବଳୀରେ ମୂଳ ଆଇନ୍‌ର ମହୋଦାର ଭାଷା ଓ ଭାବ ସହିତ ଅସଂଗତ ହେଉଥିବା ବ୍ୟବସ୍ଥାଗୁଡିକର ସଂଶୋଧନ ଦିଗରେ ସଂପୃକ୍ତ ସରକାରଙ୍କ ଉପରେ ଚାପ ସୃଷ୍ଟି କରିପାରିବା ।

**ନିୟମାବଳୀର ଇନ୍ଦ୍ରଜାଲ**

ଓଡିଶାରେ ଆମେ ଦେଖିବାକୁ ପାଉ ମୂଳତଃ ଦୁଇପ୍ରକାର ଜନକର୍ତ୍ତୃପକ୍ଷଙ୍କ ଅଫିସ୍ ରହିଛି, ଯଥା କେନ୍ଦ୍ର ସରକାର ଓ ରାଜ୍ୟ ସରକାରଙ୍କ ଅଧୀନରେ । ରେଳବାଇ, ଡାକଘର, ବ୍ୟାଙ୍କ୍, ଟେଲିଫୋନ୍, ଆୟକର, ଆକାଶବାଣୀ, ଦୂରଦର୍ଶନ ପଣ୍ୟଶୁଳ୍କ, ବନ୍ଦର, ବିମାନଘାଟୀ ଓ ପାସ୍‌ପୋର୍ଟ ଇତ୍ୟାଦି ଅଫିସ୍ ଗୁଡିକ କେନ୍ଦ୍ର ଅଧୀନରେ ଥିବା ବେଳେ ରାଜ୍ୟପାଳ ଓ ସଚ୍ଚିବାଳୟର ବିଭାଗଗୁଡିକ ଠାରୁ ଆରମ୍ଭ କରି ଜିଲ୍ଲାପାଳ, ତହସିଲ୍, ଥାନା, ବ୍ଲକ୍, ଜଙ୍ଗଲ, ଅବକାରୀ, ଜଳସେଚନ ଓ ଗ୍ରାମପଞ୍ଚାୟତ ପର୍ଯ୍ୟନ୍ତ ସମସ୍ତ ଅଫିସ୍ ରାଜ୍ୟ ସରକାରଙ୍କ ଅଧୀନରେ ରହିଛି । ଏହାଛଡା ବାଚସ୍ପତିଙ୍କ ଅଧୀନରେ ବିଧାନସଭାର ଅଫିସ୍ କାର୍ଯ୍ୟ କରୁଥିବା ବେଳେ ହାଇକୋର୍ଟର ମୁଖ୍ୟବିଚାରପତିଙ୍କ ଅଧୀନରେ ହାଇକୋର୍ଟ ସମେତ ସମସ୍ତ କୋର୍ଟ ପରିଚାଳିତ ହେଉଛି । ଏହି ପରିସ୍ଥିତିରେ ଜଣେ ବ୍ୟକ୍ତି ପ୍ରଥମେ ସ୍ଥିର କରିବେ, ସେ କେଉଁ ଅଫିସ୍‌ରୁ ସୂଚନା ଚାହାଁନ୍ତି ? ଯଦି ଏହା ସ୍ଥିର ନକରି ସେ ସୂଚନା ପାଇଁ ଦରଖାସ୍ତ କରନ୍ତି, ତେବେ ସେ ହଇରାଣର ସମ୍ମୁଖୀନ ହେବାକୁ ବାଧ୍ୟ । ଉଦାହରଣ ସ୍ୱରୂପ, ସେ ଯଦି ଷ୍ଟେଟ୍ ବ୍ୟାଙ୍କ ଅଫ୍ ଇଣ୍ଡିଆରୁ ସୂଚନା ପାଇବା ପାଇଁ ଓଡିଶା ସରକାରଙ୍କ ଦ୍ୱାରା ବିହିତ ହୋଇଥିବା ଫର୍ମ-କ ବ୍ୟବହାର କରନ୍ତି ଏବଂ ଟ୍ରେଜେରି ଚାଲାଣ ଦ୍ୱାରା ୧୦ଟଙ୍କାର ଦରଖାସ୍ତ ଫିସ୍ ଦାଖଲ କରନ୍ତି, ତେବେ ତାଙ୍କର ଦରଖାସ୍ତ

ନାକଚ ହେବାକୁ ବାଧ୍ୟ, କାରଣ ଓଡିଶା ସରକାରଙ୍କ ଟ୍ରେଜେରି ଚାଲାଣ କେନ୍ଦ୍ର ସରକାରଙ୍କ ଅଧୀନସ୍ଥ ଗୋଟିଏ ବ୍ୟାଙ୍କ୍ ଦ୍ୱାରା ଗ୍ରହଣୀୟ ହେବନାହିଁ, ବରଂ ଇଣ୍ଡିଆନ୍ ପୋଷ୍ଟାଲ୍ ଅର୍ଡର ମାଧ୍ୟମରେ ଏହା ଦାଖଲ କରିବା ସମୀଚୀନ ହେବ । ଏହାଛଡା କୌଣସି କେନ୍ଦ୍ରୀୟ କାର୍ଯ୍ୟାଳୟକୁ ସୂଚନା ପାଇଁ ସାଧା କାଗଜରେ ନିଜର କେବଳ ଯୋଗାଯୋଗ ଠିକଣା ଲେଖି ଦରଖାସ୍ତ କଲେ ହିଁ ଯଥେଷ୍ଟ; ଏଥିପାଇଁ ଓଡିଶାର ଫର୍ମ-କ ପାଇଁ ଦରକାର ପଡୁଥିବା ଭୋଟର୍ ପରିଚୟ ପତ୍ରର ନକଲ ଦେବା କିମ୍ବା ଦରଖାସ୍ତରେ ସ୍ଥାୟୀ ଠିକଣା ବା ପିତା/ସ୍ୱାମୀଙ୍କ ଠିକଣା ଲେଖିବା ଆଦୌ ଆବଶ୍ୟକ ନାହିଁ । ପୁଣି ଯଦି ଜଣେ ବ୍ୟକ୍ତି ହାଇକୋର୍ଟ କିମ୍ବା କୌଣସି ତଳ କୋର୍ଟରୁ ସୂଚନା ଚାହୁଁଥାନ୍ତି, ତେବେ ସେ ଓଡିଶା ସରକାରଙ୍କ ଫର୍ମ-କ ବ୍ୟବହାର କଲେ ବା ଦରଖାସ୍ତ ଫିସ୍ ବାବଦ ୧୦ଟଙ୍କା ଦାଖଲ କଲେ ତାଙ୍କର ଦରଖାସ୍ତ ନିଶ୍ଚିତ ରୂପେ ନାକଚ ହୋଇଯିବ, କାରଣ ଓଡିଶା ହାଇକୋର୍ଟ ସୂଚନା ଅଧିକାର ନିୟମାବଳୀ ଅନୁଯାୟୀ କେବଳ ଦରଖାସ୍ତ ଫର୍ମର ମୂଲ୍ୟ ୧୦ଟଙ୍କା ଏବଂ ଦରଖାସ୍ତ ଫିସ୍ ୫୦ଟଙ୍କା । ସେହିପରି କେନ୍ଦ୍ରୀୟ ସରକାରଙ୍କ ନିୟମାବଳୀ ଅନୁଯାୟୀ ପ୍ରଥମ କି ଦ୍ୱିତୀୟ ଅପିଲ୍ ପାଇଁ କୌଣସି ଫର୍ମ କିମ୍ବା ଫିସ୍ ଦରକାର ପଡୁନଥିବା ବେଳେ ଓଡିଶା ନିୟମାବଳୀ ଅନୁଯାୟୀ ଏଥିପାଇଁ ଯଥାକ୍ରମେ ଫର୍ମ-ଡି ଏବଂ ଫର୍ମ-ଇ ସହିତ କେବଳ କୋର୍ଟ ଫିସ୍ ଷ୍ଟାମ୍ପ ମାଧ୍ୟମରେ ୨୦ଟଙ୍କା ଓ ୨୫ଟଙ୍କାର ଅପିଲ୍ ଫିସ୍ ଦାଖଲ କରିବା ବାଧ୍ୟତାମୂଳକ । ଯଦି ଜଣେ ବ୍ୟକ୍ତି କେନ୍ଦ୍ରୀୟ ନିୟମାବଳୀ ଅନୁଯାୟୀ ସାଧା କାଗଜରେ ବିନା ଫିସ୍‌ରେ ଓଡିଶା ସରକାରଙ୍କ ଏକ ଦପ୍ତରରେ ପ୍ରଥମ ଅପିଲ୍ ଦାଖଲ କରିବେ ତେବେ ତାହା ଖାରଜ ହେବାକୁ ବାଧ୍ୟ । ପୁଣି ଆଇନ୍ ଅନୁଯାୟୀ ଜଣେ ବି.ପି.ଏଲ୍. ବ୍ୟକ୍ତିଙ୍କୁ କେନ୍ଦ୍ର ନିୟମାବଳୀ ଅଧୀନରେ କୌଣସି ଫିସ୍ ଦେବାକୁ ପଡୁନଥିବା ବେଳେ ଓଡିଶା ନିୟମାବଳୀ ଅନୁଯାୟୀ କେବଳ ଦରଖାସ୍ତ ଫିସ୍ ଛାଡ ହୋଇଛି, କିନ୍ତୁ ସୂଚନା ମୂଲ୍ୟ ବାବଦକୁ ଫିସ୍ ଦେବାକୁ ପଡିବ । ସୁତରାଂ କେନ୍ଦ୍ର ସରକାର ଓ ରାଜ୍ୟ ସରକାରଙ୍କ ଦ୍ୱାରା ଜାରି କରାଯାଇଥିବା ଅଲଗା ଅଲଗା ନିୟମାବଳୀ ଜାଣିଲେ ହିଁ ଆମେ କେନ୍ଦ୍ର ବା ରାଜ୍ୟ ସରକାରଙ୍କ ସଂପୃକ୍ତ ଦପ୍ତରରୁ ସୂଚନା ହାସଲ କରିବାକୁ ସମର୍ଥ ହେବା, ଏବଂ ସୂଚନାରୁ ବଞ୍ଚିତ ହେଲେ ଅଭିଯୋଗ ବା ଅପିଲ୍ କରିପାରିବା ।

### ଫର୍ମ ଓ ଫିସ୍ ବ୍ୟବସ୍ଥା

ଆଗରୁ ସୂଚୀତ ହୋଇଛି ଯେ, କେନ୍ଦ୍ର ଓ ଓଡିଶା ସରକାର ସେମାନଙ୍କ ନିୟମାବଳୀରେ ସୂଚନା ପ୍ରଦାନ ଓ ଅପିଲ୍ ପ୍ରକ୍ରିୟା ପାଇଁ ଭିନ୍ନ ଭିନ୍ନ ବ୍ୟବସ୍ଥାମାନ ତିଆରି କରିଛନ୍ତି ଏବଂ ଜଣେ ନାଗରିକ ଏହି ଭିନ୍ନତା ସମ୍ବନ୍ଧରେ ସଚେତନ ନଥିଲେ ସେ ଆଇନ୍‌ର ସଫଳ ଉପଯୋଗ କରିପାରିବେ ନାହିଁ । କେତେକ ମୌଳିକ ଭିନ୍ନତା ସମ୍ବନ୍ଧରେ ଏଠାରେ ସୂଚନା ଦେବା ଜରୁରୀ । ପ୍ରଥମତଃ କେନ୍ଦ୍ରୀୟ ନିୟମାବଳୀରେ ଆବେଦନ କିମ୍ବା ଅପିଲ୍ ପାଇଁ କୌଣସି ଫର୍ମ ଆବଶ୍ୟକ ନାହିଁ, କିନ୍ତୁ ଓଡିଶା ନିୟମାବଳୀ ଅନୁଯାୟୀ ବିଭିନ୍ନ ଉଦ୍ଦେଶ୍ୟରେ ବିଭିନ୍ନ ଫର୍ମ ଲାଗୁ କରାଯାଇଛି, ଯଥା ଫର୍ମ-କ (ଆବେଦନ), ଫର୍ମ-ଖ (ଜନସୂଚନା ଅଧିକାରୀଙ୍କ ତରଫରୁ ଆବେଦନକାରୀଙ୍କୁ ଅବଗତି), ଫର୍ମ-ଗ (ଆବେଦନର ପ୍ରତ୍ୟାଖ୍ୟାନ), ଫର୍ମ-ଘ (ପ୍ରଥମ ଅପିଲ୍) ଓ ଫର୍ମ-ଙ (ଦ୍ୱିତୀୟ ଅପିଲ୍) । ଦ୍ୱିତୀୟତଃ ଫିସ୍‌କୁ କେନ୍ଦ୍ର କରି କେନ୍ଦ୍ର ଓ ଓଡିଶା ନିୟମାବଳୀ ଭିତରେ ଉଭୟ ସମାନତା ଓ ଭିନ୍ନତା ରହିଛି, ଯଦିଓ ସମାନତା କମ୍ ଓ ଭିନ୍ନତା ବେଶୀ । ଉଦାହରଣ ସ୍ୱରୂପ, ସୂଚନାର ମୂଲ୍ୟ ବାବଦରେ ୪-ଏ ଆକାରର ପ୍ରତି ପୃଷ୍ଠା ୨ଟଙ୍କା ବୋଲି ଉଭୟ କେନ୍ଦ୍ର ଓ ରାଜ୍ୟ ସ୍ଥିର କରିଛନ୍ତି । କିନ୍ତୁ ନିରୀକ୍ଷଣ ପାଇଁ କେନ୍ଦ୍ର ନିୟମାବଳୀରେ ପ୍ରଥମ ଘଣ୍ଟା ମାଗଣା ଓ ଦ୍ୱିତୀୟ ଘଣ୍ଟାକୁ ୫ଟଙ୍କା ପଡୁଥିବା ବେଳେ ଓଡିଶା ନିୟମାବଳୀ ଅନୁଯାୟୀ ପ୍ରଥମ ଘଣ୍ଟା ମାଗଣା ଓ ଦ୍ୱିତୀୟ ଘଣ୍ଟା ୨୦ଟଙ୍କା ଧାର୍ଯ୍ୟ ହୋଇଛି । ପ୍ରଥମ କି ଦ୍ୱିତୀୟ ଅପିଲ୍ ପାଇଁ କେନ୍ଦ୍ର ନିୟମାବଳୀରେ କୌଣସି ଫିସ୍ ପଡୁନଥିବା ବେଳେ ଓଡିଶା ନିୟମାବଳୀରେ ଯଥାକ୍ରମେ ୨୦ଟଙ୍କା ଓ ୨୫ଟଙ୍କାର ଅପିଲ୍ ଫିସ୍ ଧାର୍ଯ୍ୟ ହୋଇଛି । ଉଭୟ ନିୟମାବଳୀ ଭିତରେ ସବୁଠାରୁ ବଡ ଭିନ୍ନତା ରହିଛି, ଫିସ୍ ଦାଖଲ ପଦ୍ଧତିକୁ କେନ୍ଦ୍ର କରି । ଉଦାହରଣ ସ୍ୱରୂପ, କେନ୍ଦ୍ରୀୟ ନିୟମାବଳୀରେ ଯେ କୌଣସି ଫିସ୍ ନଗଦ ଅର୍ଥ ବା ଇଣ୍ଡିଆନ୍ ପୋଷ୍ଟାଲ୍ ଅର୍ଡର ବା ବ୍ୟାଙ୍କ୍ ଡ୍ରାଫ୍ଟ ଜରିଆରେ ଦାଖଲ ହୋଇପାରୁଥିବା ବେଳେ ଓଡିଶା ନିୟମାବଳୀରେ ବିଭିନ୍ନ ଫିସ୍ ଭିନ୍ନ ଭିନ୍ନ ପ୍ରକାରେ ଦାଖଲ କରାଯିବ ବୋଲି ଧାର୍ଯ୍ୟ ହୋଇଛି, ଯଥା ଆବେଦନ ଫିସ୍ କେବଳ ନଗଦ ଅର୍ଥ ବା ଟ୍ରେଜେରି ଚାଲାଣ, ସୂଚନା ଫିସ୍ କେବଳ ନଗଦ ଅର୍ଥ ତଥା ୧ମ କି ୨ୟ ଅପିଲ୍ କେବଳ କୋର୍ଟ ଫିସ୍ ଷ୍ଟାମ୍ପ ଜରିଆରେ ଦାଖଲ କରାଯାଇ ପାରିବ । ଯାହା ଲକ୍ଷ୍ୟ କରାଯାଇଛି, ଓଡିଶା ନିୟମାବଳୀକୁ ଅନୁସରଣ କରି ଜଣେ ରାଜ୍ୟ ବାହାରର ବ୍ୟକ୍ତି ନିଜ ଜାଗାରେ ବସି ଓଡିଶା ସରକାରଙ୍କ କୌଣସି ଦପ୍ତରକୁ ସୂଚନା ପାଇଁ ଆବେଦନ କରିପାରିବେ ନାହିଁ, କାରଣ ସେ ଓଡିଶାର ଟ୍ରେଜେରି ଚାଲାନ୍ କେଉଁଠି ପାଇବେ । ରାଜ୍ୟର ଜଣେ ବ୍ୟକ୍ତି ଯେ କି ଗ୍ରାମାଞ୍ଚଳରେ ବାସ କରନ୍ତି, ସେ ମଧ୍ୟ ତାଙ୍କ ଗାଁରେ ରହି ରାଜ୍ୟ ସରକାରଙ୍କ ଅଧୀନରେ ଥିବା କୌଣସି ସୁଦୂର ଦପ୍ତରକୁ ସୂଚନା ପାଇଁ ଆବେଦନ କରିପାରିବେ ନାହିଁ, କାରଣ ଟ୍ରେଜେରି ଚାଲାଣ କରିବା ପାଇଁ ତାଙ୍କୁ ଟ୍ରେଜେରି ଥିବା ନିକଟସ୍ଥ ସହରକୁ ଆସିବାକୁ ପଡିବ । ସେହିପରି ଓଡିଶା ନିୟମାବଳୀ ଅନୁଯାୟୀ ୧ମ କି ୨ୟ ଅପିଲ୍‌ର ଫିସ୍ ଦାଖଲ କରିବା ମଧ୍ୟ ଜଟିଳ, କାରଣ ସଂପୃକ୍ତ ବ୍ୟକ୍ତିଙ୍କୁ ନିକଟସ୍ଥ ସହରକୁ ଆସି ଆବଶ୍ୟକ ମୂଲ୍ୟର କୋର୍ଟ ଫିସ୍ ଷ୍ଟାମ୍ପସ୍ ସଂଗ୍ରହ କରିବାକୁ ପଡିବ ।

**ସୂଚନା ହାସଲର ଦୁଇଟି ମାର୍ଗ-**

ସୂଚନା ଅଧିକାର ଆଇନ୍ -୨୦୦୫ ଅଧୀନରେ ସୂଚନା ହାସଲ ପାଇଁ ଦୁଇ ପ୍ରକାର ବ୍ୟବସ୍ଥା ଉପଲବ୍ଧ; ଗୋଟିଏ ହେଲା, ଧାରା-୬ ଅଧୀନରେ ଆବେଦନ ଫିସ୍ ସହ ସଂପୃକ୍ତ ଜନସୂଚନା ଅଧିକାରୀଙ୍କ ନିକଟରେ ଦରଖାସ୍ତ କରିବା ଏବଂ ସୂଚନା ପାଇବା ପାଇଁ ୩୦ଦିନ ପର୍ଯ୍ୟନ୍ତ ଅପେକ୍ଷା କରିବା ତଥା ଯଦି ଆପଣଙ୍କୁ ସୂଚନା ମଞ୍ଜୁର୍ ହୁଏ, ତେବେ ପୃଷ୍ଠା ପିଛା ୨ଟଙ୍କା ଦେଇ ସେହି ସୂଚନା ଦଲିଲ୍‌କୁ କିଣିବା । ଏହି ପଦ୍ଧତିରେ ସୂଚନା ପାଇବା ଦରଖାସ୍ତ-ସାପେକ୍ଷ, ବ୍ୟୟ-ସାପେକ୍ଷ ଏବଂ ସମୟ ସାପେକ୍ଷ । କିନ୍ତୁ ଦ୍ୱିତୀୟ ମାର୍ଗ ହେଲା, ଧାରା-୪ ଅଧୀନରେ ସଂପୃକ୍ତ ଜନକର୍ତ୍ତୃପକ୍ଷଙ୍କ ଦ୍ୱାରା ନିଜ ତରଫରୁ ୧୭ପ୍ରକାର ବିଷୟ ଉପରେ ପ୍ରକାଶ ପାଇଥିବା ସ୍ୱୟଂ-ପ୍ରକଟନୀୟ ସୂଚନାକୁ ମାଗଣାରେ ନିରୀକ୍ଷଣ କରିବା ଏବଂ ତଥା ମାଗଣାରେ ବା କେବଳ ଜେରକ୍ସ ମୂଲ୍ୟ ଦେଇ ସଂପୃକ୍ତ ସୂଚନାକୁ ହାସଲ କରିବା; ଏଥିପାଇଁ ଦରଖାସ୍ତ ଫିସ୍ ଦେଇ ଦରଖାସ୍ତ କରିବାକୁ ପଡିବନି କି ସୂଚନା ପାଇବା ପାଇଁ ଅପେକ୍ଷା କରିବାକୁ ପଡିବନି କି ପୃଷ୍ଠା ପିଛା ୨ଟଙ୍କା ଦେବାକୁ ପଡିବନି । ସୂଚନା ଅଧିକାର ଆଇନ୍‌ର ଧାରା ୪(୨)ରେ କୁହାଯାଇଛି ଯେ, ପ୍ରତି ଜନକର୍ତ୍ତୃପକ୍ଷ ଧାରା ୪(୧ବି) ରେ ସୂଚୀତ ହୋଇଥିବା ୧୭ଗୋଟି ବିଷୟ ଉପରେ ନିଜ ତରଫରୁ ଏମିତି ବ୍ୟାପକ ଏବଂ ସହଜସୁଲଭ ଢଙ୍ଗରେ ସୂଚନା ପ୍ରସାରଣ କରିବେ ଯାହା ଫଳରେ ଲୋକଙ୍କୁ ସୂଚନା ପାଇବା ସକାଶେ ଦରଖାସ୍ତ କରିବାକୁ ପଡିବନି । ଏଠାରେ ଉଲ୍ଲେଖନୀୟ ଯେ, ୧୫ ଜୁନ୍, ୨୦୦୫ରେ ଲାଗୁ ହୋଇଥିବା ଐତିହାସିକ ସୂଚନା ଅଧିକାର ଆଇନ-୨୦୦୫ର ଧାରା ୪(୧ବି) ଅଧୀନରେ ପ୍ରଥମେ କୁହାଯାଇଛି ଯେ, ପ୍ରତି ଜନକର୍ତ୍ତୃପକ୍ଷ ଉକ୍ତ ତାରିଖର ୧୨୦ଦିନ ଭିତରେ ଅର୍ଥାତ୍ ୧୨ ଅକ୍ଟୋବର ୨୦୦୫ସୁଦ୍ଧା ନିମ୍ନୋକ୍ତ ୧୭ ପ୍ରକାର ସ୍ୱୟଂ ପ୍ରକଟନୀୟ ସୂଚନାକୁ ବିଭିନ୍ନ ମାଧ୍ୟମରେ ସଜାଡି ରଖିବେ, ଯାହା ଫଳରେ ଜଣେ ନାଗରିକ ଯେ କୌଣସି ଦିନ ସଂପୃକ୍ତ ଜନକର୍ତ୍ତୃପକ୍ଷଙ୍କ ଦପ୍ତରକୁ ଆସି ବିନା ଦରଖାସ୍ତ ଓ ବିନା ଫିସ୍‌ରେ ତତ୍‌କ୍ଷଣାତ୍ ସେ ଚାହୁଁଥିବା ସୂଚନାକୁ ଇନ୍‌ସ୍ପେକ୍‌ସନ୍ ବା ନିରୀକ୍ଷଣ କରିପାରିବେ ଏବଂ ହାସଲ କରିପାରିବେ ।

**ଧାରା ୪ (୧ବି) ଅଧୀନରେ ସ୍ୱୟଂପ୍ରକଟନୀୟ ସୂଚନାସମୂହ-**

☐ *ନିଜନିଜ ସଂସ୍ଥାର ସଂଗଠନ-ସଂପର୍କୀତ ବିଶଦ୍ ତଥ୍ୟ, କାର୍ଯ୍ୟାବଳୀ ଓ ଦାୟିତ୍ୱସମୂହ,*

☐ *ଏହାର ପ୍ରତି ଅଧିକାରୀ ଓ କର୍ମଚାରୀଙ୍କ କ୍ଷମତା ଓ ଦାୟିତ୍ୱ,*

☐ *ସଂସ୍ଥା ଭିତରେ କାର୍ଯ୍ୟ-ତଦାରଖ ଓ ଉତ୍ତରଦାୟିତ୍ୱ ସଂବନ୍ଧୀୟ ବିଧିବିଧାନ ସମେତ ନିଷ୍ପତ୍ତି-ଗ୍ରହଣ ପ୍ରକ୍ରିୟା,*

☐ *ପ୍ରତି କାର୍ଯ୍ୟର ସମ୍ପାଦନ ପାଇଁ ସ୍ଥିରୀକୃତ ହୋଇଥିବା ମାନଦଣ୍ଡ,*

☐ *ସଂସ୍ଥା ଅଧୀନରେ ବା ନିୟନ୍ତ୍ରଣରେ ଥିବା ଅଥବା ଏହାର କର୍ମଚାରୀମାନେ ନିଜର କାର୍ଯ୍ୟ-ସମ୍ପାଦନ ପାଇଁ ବ୍ୟବହାର କରୁଥିବା ସମସ୍ତ ନିୟମାବଳୀ (ରୁଲ୍), ବିନିୟମ (ରେଗୁଲେସନ୍), ନିର୍ଦ୍ଦେଶାବଳୀ, ପ୍ରୟୋଗବିଧି (ମାନୁଆଲ୍), ବା ରେକର୍ଡ,*

☐ *ସଂସ୍ଥା ଅଧୀନରେ ବା ନିୟନ୍ତ୍ରଣରେ ଥିବା ସୂଚନା-ସମୂହର ପ୍ରକାରଭେଦ,*

☐ *ନିଜର ନୀତି(ପଲିସି) ନିର୍ଦ୍ଧାରଣ ବା ନିର୍ଦ୍ଧାରିତ ନୀତିର କାର୍ଯ୍ୟାନ୍ୱୟନ ସମ୍ବନ୍ଧରେ ସର୍ବସାଧାରଣଙ୍କ ସହ ପରାମର୍ଶ କରିବା ବା ସେମାନଙ୍କ ଆପତ୍ତିଓଜର ଶୁଣିବା ପାଇଁ ରହିଥିବା ବ୍ୟବସ୍ଥାଗୁଡିକ ଉପରେ ବିଶଦ୍ ସୂଚନା,*

☐ *ସଂସ୍ଥାର ଅଙ୍ଗବିଶେଷ ରୂପେ ବା ପରାମର୍ଶଦାତା ରୂପେ, ଦୁଇ ବା ତତୋଧିକ ସଭ୍ୟଙ୍କୁ ନେଇ ଗଠିତ ବୋର୍ଡ, କାଉନ୍‌ସିଲ୍, କମିଟି ବା ଅନ୍ୟ କୌଣସି ଉପସଂସ୍ଥା ସଂମ୍ବନ୍ଧରେ, ତଥା ଏହିସବୁ ବୋର୍ଡ, କାଉନ୍‌ସିଲ୍, କମିଟି ବା ଅନ୍ୟାନ୍ୟ ଉପସଂସ୍ଥାମାନଙ୍କର ବୈଠକ ସର୍ବସାଧାରଣଙ୍କ ଯୋଗଦାନ ପାଇଁ ମୁକ୍ତ କି ନା, ଏବଂ ସଂପୃକ୍ତ ବୈଠକଗୁଡିକର ବିବରଣୀ ସର୍ବସାଧାରଣଙ୍କୁ ଜଣାଯାଇ ପାରିବ କି ନା, ସେ ସମ୍ବନ୍ଧରେ ବିବୃତ୍ତି,*

☐ *ସଂସ୍ଥାର ସମସ୍ତ ଅଧିକାରୀ ଓ କର୍ମଚାରୀମାନଙ୍କ ସମ୍ବନ୍ଧରେ ସୂଚନା-ପୁସ୍ତିକା,*

☐ *ସଂସ୍ଥାର ବିନିୟମ(ରେଗୁଲେସନ୍)ଗୁଡିକରେ ବିନିର୍ଦ୍ଦିଷ୍ଟ ହୋଇଥିବା ସଂସ୍ଥାର ପ୍ରତି ଅଧିକାରୀ ଓ କର୍ମଚାରୀଙ୍କ ଭତ୍ତା-ଜାତୀୟ ପ୍ରାପ୍ୟ ସମେତ ପ୍ରତ୍ୟେକଙ୍କର ମାସିକ ଦରମା,*

☐ *ନିଜ ଅଧୀନରେ ଥିବା ପ୍ରତି ଉପସଂସ୍ଥା (ଏଜେନ୍ସି) ପାଇଁ ଉଦ୍ଦିଷ୍ଟ ବଜେଟ୍, ଯେଉଁଥିରେ ସଂପୃକ୍ତ ଉପସଂସ୍ଥାର ପ୍ରତି କର୍ମଯୋଜନା, ପ୍ରତି କର୍ମଯୋଜନା ପାଇଁ ବ୍ୟୟବରାଦ, ଏବଂ ବିତରିତ ଅର୍ଥରାଶିର ବିବରଣୀ,*

☐ *ପ୍ରତି କାର୍ଯ୍ୟକ୍ରମ ପିଛା ଅର୍ଥବରାଦ ଏବଂ ହିତାଧିକାରୀମାନଙ୍କ ସମ୍ବନ୍ଧରେ ବିଶଦ୍ ବିବରଣୀ ସମେତ ସମସ୍ତ ସହାୟତା (ସବ୍‌ସିଡି) କାର୍ଯ୍ୟକ୍ରମର କାର୍ଯ୍ୟାନ୍ୱୟନ ପ୍ରକ୍ରିୟା,*

☐ *ସଂସ୍ଥା ତରଫରୁ ମଞ୍ଜୁରି ହୋଇଥିବା ବିଭିନ୍ନ ପ୍ରକାର ରିହାତି, ପରମିଟ୍ ଓ ପ୍ରାଧିକରଣ (ଅଥରାଇଜେସନ୍) କାହାକୁ ପ୍ରଦାନ କରାଯାଇଛି, ସେ ସମ୍ବନ୍ଧରେ ସବିଶେଷ ତଥ୍ୟ,*

☐ *ସଂସ୍ଥାକୁ ମିଳିଥିବା ବା ସଂସ୍ଥା ନିକଟରେ ଥିବା ସେହିସବୁ ସୂଚନା ସମ୍ବନ୍ଧରେ ବିଶଦ୍ ତଥ୍ୟ, ଯେଉଁଗୁଡିକ ଇଲେକ୍ଟ୍ରନିକ୍ ମାଧ୍ୟମରେ ଉପଲବ୍ଧ,*

☐ *ସଂସ୍ଥା ଅଧୀନରେ ଥିବା ସର୍ବସାଧାରଣଙ୍କ ପାଇଁ ଉଦ୍ଦିଷ୍ଟ ପାଠାଗାର କିମ୍ବା ଅଧ୍ୟୟନ-କେନ୍ଦ୍ରର କାର୍ଯ୍ୟନିର୍ଘଣ୍ଟ ସମେତ ପ୍ରତି ସଂସ୍ଥାରୁ ନାଗରିକମାନେ ସୂଚନା ହାସଲ କରିପାରିବା ପାଇଁ ରହିଥିବା ବିଭିନ୍ନ ସୁବିଧାସୁଯୋଗ,*

☐ *ସଂସ୍ଥାପାଇଁ ନିଯୁକ୍ତ ଜନ ସୂଚନା ଅଧିକାରୀମାନଙ୍କ ନାମ, ପଦବୀ ଓ ଅନ୍ୟାନ୍ୟ ସବିଶେଷ ତଥ୍ୟ, ଏବଂ*
*ଏହାଛଡା ସେହିସବୁ ସୂଚନା, ଯେଉଁଗୁଡିକ ବିଷୟରେ ବିହିତ କରାଯିବ, ଏବଂ ଏହି ସମସ୍ତ ତଥ୍ୟ-ପ୍ରକାଶନକୁ ବର୍ଷକୁ ଥରେ ନବୀକରଣ କରିବେ ।*

**ଓଡିଶା ସୂଚନା ଅଧିକାର (ସଂଶୋଧନ) ନିୟମାବଳୀ ୨୦୦୬**

ସୂଚନା ଅଧିକାର ଆଇନ୍ ୨୦୦୫ର ଧାରା-୪ ଅଧୀନରେ ଜନସାଧାରଣଙ୍କୁ ଦିଆଯାଇଥିବା ଅଧିକାରକୁ ସହଜସାଧ୍ୟ କରିବା ପାଇଁ ଓଡିଶା ସରକାର ତାଙ୍କର ସୂଚନା ଅଧିକାର (ସଂଶୋଧନ ) ନିୟମାବଳୀ-୨୦୦୬ ଅଧୀନରେ ନିୟମ ୨(୨)ରେ କହିଛନ୍ତି ଯେ, ପ୍ରତି ଜନକର୍ତ୍ତୃପକ୍ଷ ଧାରା ୪ ଅଧୀନସ୍ଥ ସ୍ୱୟଂ ପ୍ରକଟୀୟ ସୂଚନାକୁ ନିରୀକ୍ଷଣ କରିବାକୁ ଆସୁଥିବା ନାଗରିକମାନଙ୍କ ସମ୍ବନ୍ଧରେ ଟିପ୍ପଣୀ ଲିପିବଦ୍ଧ କରିବା ସକାଶେ ନିଜ ନିଜ ପାଖରେ ଏକ ରେଜିଷ୍ଟର୍ ରଖିଥିବେ । ସୁତରାଂ ଆପଣ ଧାରା-୪ ଅଧୀନସ୍ଥ କୌଣସି ସୂଚନା ଚାହୁଁଥିଲେ, ସଂପୃକ୍ତ ଜନକର୍ତ୍ତୃପକ୍ଷଙ୍କ ଦପ୍ତରକୁ ଯାଇ ପ୍ରଥମେ ଏହି ରେଜିଷ୍ଟର୍ ବିଷୟରେ ଜିଜ୍ଞାସା କରନ୍ତୁ ଏବଂ ଯଦି ଏ ପ୍ରକାର ରେଜିଷ୍ଟର୍ ନଥାଏ, ବା କୌଣସି ଆଳରେ ଆପଣଙ୍କୁ ସୂଚନା ପାଇବାରୁ ବଞ୍ଚିତ କରାଯାଏ ତେବେ ସେହି ଜନକର୍ତ୍ତୃପକ୍ଷଙ୍କ ବିରୁଦ୍ଧରେ ଧାରା ୧୮ ଅଧୀନରେ ଅଭିଯୋଗ ଆଣିପାରନ୍ତି ।

**ସୂଚନା-ପ୍ରକଟନ କ୍ଷେତ୍ରରେ ଅବ୍ୟାହତି ଓ ସର୍ତ୍ତାବଳୀ-**

ଆଇନ୍‌ର ଧାରା-୮(୧) ଅନୁଯାୟୀ ୧୦ ପ୍ରକାର ସୂଚନା (ଏ ଠାରୁ କେ ଯାଏଁ )କୁ ପ୍ରକଟନରୁ ଅବ୍ୟାହତି ଦିଆଯାଇଛି, କିନ୍ତୁ ପୁଣି କେତେକ ସ୍ଥଳରେ ସେହି ସୂଚନାଗୁଡିକର ପ୍ରକଟନକୁ ସର୍ତ୍ତାଧୀନ କରାଯାଇଛି । ଏହି ଧରଣର ସୂଚନାଗୁଡିକ ହେଲା, (ଏ) ଭାରତର ସାର୍ବଭୌମତ୍ୱ, ସଂହତି, ନିରାପତ୍ତା, ରକ୍ଷାକୌଶଳ, ବୈଦେଶିକ ସଂପର୍କ, ବୈଜ୍ଞାନିକ ବା ଅର୍ଥନୈତିକ ସ୍ୱାର୍ଥ ପ୍ରତି ହାନି ପହଞ୍ଚାଉଥିବା ସୂଚନା; (ବି) ନ୍ୟାୟାଳୟ ବା ଟ୍ରିବ୍ୟୁନାଲ୍ ବାରଣ କରିଥିବା ବା ନ୍ୟାୟାଳୟର ଅବମାନନା ଘଟାଉଥିବା ସୂଚନା; (ସି) ସଂସଦ କିମ୍ବା ରାଜ୍ୟ ଆଇନ୍ ସଭାର ସାଧିକାର ଭଙ୍ଗ କରୁଥିବା ସୂଚନା ; (ଡି) ବ୍ୟବସାୟିକ ଗୋପନୀୟତା ବା ବୌଦ୍ଧିକ ସଂପଦ ସଂପର୍କୀତ ସୂଚନା ଯାହାକୁ ପ୍ରକଟନ କଲେ ତୃତୀୟ ପକ୍ଷର କ୍ଷତି ଘଟିବ; କିନ୍ତୁ ଯଦି ଏହି ସୂଚନାକୁ ପ୍ରକଟନ କଲେ ବୃହତ୍ତର ଜନସ୍ୱାର୍ଥ ସାଧିତ ହେବ, ତେବେ ତାହା ପ୍ରକଟନ କରାଯାଇପାରେ; (ଇ) ବିଶ୍ୱାସ-ଭିତ୍ତିକ ସୂତ୍ରରେ ପ୍ରାପ୍ତ କୌଣସି ଏକ ସୂଚନା, କିନ୍ତୁ ଯଦି ଏହି ସୂଚନାକୁ ପ୍ରକଟନ କଲେ ବୃହତ୍ତର ଜନସ୍ୱାର୍ଥ ସାଧିତ ହେବ, ତେବେ ତାହା ପ୍ରକଟନ କରାଯାଇପାରେ; (ଏଫ୍) ବିଦେଶୀ ସରକାରଙ୍କ ଠାରୁ ମିଳିଥିବା ସୂଚନା; (ଜି) କୌଣସି ବ୍ୟକ୍ତିଙ୍କ ଜୀବନ ବା ନିରାପତ୍ତାକୁ ବିପନ୍ନ କରୁଥିବା ସୂଚନା ବା ଆଇନ୍‌କୁ ଲାଗୁ କରିବା ବା ନିରାପତ୍ତା ରକ୍ଷାରେ ସହାୟକ ହେଉଥିବା ସୂଚନା ଯାହାକୁ ପ୍ରକଟନ କଲେ ଉକ୍ତ ସୂଚନାର ଉତ୍ସ ପଦାରେ ପଡିଯିବ; (ଏଚ୍) ଅପରାଧୀମାନଙ୍କ ଉପରେ ଅନୁସନ୍ଧାନ, ସେମାନଙ୍କୁ ଗିରଫ ବା ଅଭିଯୋଜନ ପ୍ରକ୍ରିୟାକୁ ବ୍ୟାହତ କରୁଥିବା ସୂଚନା; (ଆଇ) ମନ୍ତ୍ରୀମଣ୍ଡଳ, ସଚିବ ଏବଂ ଅନ୍ୟ ଅଧିକାରୀମାନଙ୍କର ଆଲୋଚନା ସମେତ କ୍ୟାବିନେଟ୍ କାଗଜପତ୍ର, କିନ୍ତୁ ସଂପୃକ୍ତ ବିଷୟ ଉପରେ ନିଷ୍ପତ୍ତି ଗ୍ରହଣ କରାଯିବା ପରେ ତଥା ସଂପୃକ୍ତ ଘଟଣାର ସଂପୂର୍ଣ୍ଣ ଅବସାନ ପରେ ସେହି ସୂଚନାକୁ ପ୍ରକଟନ କରାଯାଇପାରେ; ଏବଂ (ଜେ) ଯେଉଁ ସୂଚନାର ପ୍ରକାଶନ ଫଳରେ କୋଣସି ଜନସ୍ୱାର୍ଥ ସାଧିତ ହେବନାହିଁ, ଅପରନ୍ତୁ ଜଣେ ବ୍ୟକ୍ତିର ଗୋପନୀୟତା ଉଲ୍ଲଂଘିତ ହେବ, କିନ୍ତୁ ଯଦି ଏହା ଫଳରେ ବୃହତ୍ତର ଜନସ୍ୱାର୍ଥ ସାଧିତ ହେବ, ତେବେ ତାହା ପ୍ରକଟନ କରାଯାଇ ପାରେ । ଉପରୋକ୍ତ ବାରଣ ଓ ସର୍ତ୍ତାବଳୀ ସତ୍ତ୍ୱେ ଧାରା ୮(୧)ର ପରନ୍ତୁକରେ ସ୍ପଷ୍ଟଭାବେ କୁହାଯାଇଛି ଯେ, ଯଦି ଗୋଟିଏ ସୂଚନା ସଂସଦ ବା ରାଜ୍ୟ ଆଇନ୍ ସଭାକୁ ପ୍ରକଟନ କରାଯାଇପାରେ, ତାହା ଜଣେ ନାଗରିକଙ୍କୁ ମଧ୍ୟ ପ୍ରକଟନ କରାଯାଇପାରେ । ପୁଣି ଧାରା ୮(୨)ରେ କୁହାଯାଇଛି ଯେ, ସରକାରୀ ଗୋପନୀୟତା ଆଇନ୍ ୧୯୨୩ ବା ଏହି ଆଇନ୍‌ର ବାରଣ ସତ୍ତ୍ୱେ ଗୋଟିଏ ଜନ କର୍ତ୍ତୃପକ୍ଷ ଯେ କୌଣସି ସୂଚନାକୁ ପ୍ରକଟନ କରି ପାରିବେ, ଯଦି ସୂଚନାକୁ ସଂଗୁପ୍ତ ରଖିବା ଠାରୁ ଏହାର ପ୍ରକଟନ ଦ୍ୱାରା ଅଧିକ ଜନସ୍ୱାର୍ଥ ସାଧିତ ହୋଇ ପାରିବ । ଧାରା ୮(୩)ରେ କୁହାଯାଇଛି ଯେ, କେବଳ ତିନୋଟି ବିଷୟ (ଯଥା- ଉପରୋକ୍ତ ଏ, ସି ଏବଂ ଆଇ ରେ ସୂଚୀତ ହୋଇଥିବା ବିଷୟ)କୁ ବାଦ୍ ଦେଲେ ଅନ୍ୟ ଯେ କୌଣସି ସୂଚନା ସହିତ ସଂପର୍କୀତ ଘଟଣା ଯଦି ୨୦ବର୍ଷ ପୁରୁଣା ହୋଇଥିବ ତେବେ ତାହାର ପ୍ରକଟନ ଉପରେ କୌଣସି କଟକଣା ରହିବ ନାହିଁ ।

ଧାରା ୯ ଅନୁଯାୟୀ ଯଦି କୌଣସି ସୂଚନା ପ୍ରକଟନ ଦ୍ୱାରା ଗୋଟିଏ ବେସରକାରୀ ସଂସ୍ଥାର ବୌଦ୍ଧିକ ସମ୍ପତ୍ତିର ଅଧିକାର ଉଲ୍ଲଂଘିତ ହେଉଥାଏ ତେବେ ତାହା ପ୍ରକଟନ କରାଯିବ ନାହିଁ ।

ଧାରା ୧୦ ଅନୁଯାୟୀ ଯଦି ଗୋଟିଏ ଦଲିଲ୍‌ର କିଛି ଅଂଶ ପ୍ରକଟନ-ଯୋଗ୍ୟ ଏବଂ ଆଉ କିଛି ଅଂଶ ଅପ୍ରକଟନୀୟ ହୋଇଥାଏ ତେବେ ଅପ୍ରକଟନୀୟ ଅଂଶ ଠାରୁ ତାହାକୁ ବିଛିନ୍ନ କରି ସୂଚନା ଆକାରରେ ପ୍ରକଟନ କରାଯାଇପାରେ ।

ଧାରା ୧୧ ଅନୁଯାୟୀ ଯଦି କୌଣସି ତୃତୀୟ ପକ୍ଷର ସୂଚନା ପାଇଁ ଆବେଦନ କରାଯାଇଥାଏ, ତେବେ ସଂପୃକ୍ତ ଜନ ସୂଚନା ଅଧିକାରୀ ଆବେଦନ ପାଇବାର ୫ ଦିନ ମଧ୍ୟରେ ଉକ୍ତ ତୃତୀୟ ପକ୍ଷଙ୍କୁ ଏକ ନୋଟିସ୍ ଦେଇ ସଂପୃକ୍ତ ସୂଚନାକୁ ପ୍ରକଟନ କରାଇବା ଉପରେ ତାଙ୍କର ଲିଖିତ ବା ମୌଖିକ ମତାମତ ୧୦ଦିନ ମଧ୍ୟରେ ପ୍ରଦାନ ପାଇଁ ଅନୁରୋଧ ଜଣାଇବେ । ତୃତୀୟ ପକ୍ଷ ଯାହା ମତାମତ ଦିଅନ୍ତୁ ବା ନଦିଅନ୍ତୁ, ସଂପୃକ୍ତ ଜନସୂଚନା ଅଧିକାରୀ ଆବେଦନର ମୋଟ୍ ୪୦ ଦିନ ମଧ୍ୟରେ ସୂଚନାକୁ ପ୍ରକଟନ କରାଯିବ କି ନାହିଁ, ତା ଉପରେ ନିଷ୍ପତ୍ତି ନେବେ ଏବଂ ଏହି ନିଷ୍ପତ୍ତିକୁ ତୃତୀୟ ପକ୍ଷଙ୍କୁ ଜଣାଇଦେବେ । ବ୍ୟବସାୟିକ ବା ବାଣିଜ୍ୟିକ କ୍ଷେତ୍ରର ଯେଉଁସବୁ ତଥ୍ୟକୁ ଗୋପନୀୟ ବୋଲି ଆଇନ୍ ବଳରେ ସୁରକ୍ଷିତ ରଖାଯାଇଥାଏ, ସେଗୁଡ଼ିକୁ ବାଦ ଦେଇ ଅନ୍ୟସବୁ ତଥ୍ୟକୁ ଜନସୂଚନା ଅଧିକାରୀ ପ୍ରକଟନ କରିପାରିବେ, ଯଦି ସେ ଅନୁଭବ କରନ୍ତି ଯେ, ସୁରକ୍ଷିତ ରଖିବାଠାରୁ ପ୍ରକଟନ ଦ୍ୱାରା ଅଧିକ ଜନସ୍ୱାର୍ଥ ସାଧିତ ହେବ ।

**ନିରାପତ୍ତା ଓ ଗୁଇନ୍ଦା ସଂସ୍ଥାମାନଙ୍କ ପ୍ରତି ଆଇନ୍‌ର ପ୍ରଯୁଜ୍ୟତା**

ଆଇନ୍‌ର ଧାରା ୨୪ ଅନୁଯାୟୀ ଦେଶର ଏବଂ ପ୍ରତି ରାଜ୍ୟର କେତେକ ବଛାବଛା ନିରାପତ୍ତା ଓ ଗୁଇନ୍ଦା ସଂସ୍ଥା ପ୍ରତି ଏହି ଆଇନ୍‌ର ବ୍ୟବସ୍ଥାଗୁଡ଼ିକ କେତେକ ସର୍ତ୍ତାବଳୀ ଭିତ୍ତିରେ ପ୍ରଯୁଜ୍ୟ ହେବ । କେବଳ ଦୁର୍ନୀତି ବା ମାନବାଧିକାର ଉଲ୍ଲଂଘନ ସଂବନ୍ଧୀୟ ସୂଚନାକୁ ବାଦ୍ ଦେଲେ ଅନ୍ୟ କୌଣସି ସୂଚନା ଦେବାପାଇଁ ସେମାନେ ବାଧ୍ୟ ନୁହଁନ୍ତି । ଦୁର୍ନୀତି ସମ୍ବନ୍ଧୀୟ ସୂଚନା ପାଇଁ ଆବେଦନକୁ ସେମାନେ ଅନ୍ୟ ଜନ କର୍ତ୍ତୃପକ୍ଷଙ୍କ ଭଳି ଆବେଦନ ମିଳିବାର ୩୦ଦିନ ମଧ୍ୟରେ ପ୍ରକଟନ କରିବେ । କିନ୍ତୁ ମାନବାଧିକାର ଉଲ୍ଲଂଘନ ସଂବଧୀୟ ସୂଚନା ପାଇଁ ଏକ ଆବେଦନ ମିଳିଲେ ସେ ବିଷୟରେ ସେମାନେ ପ୍ରଥମେ ସଂପୃକ୍ତ ସୂଚନା କମିଶନ୍‌ଙ୍କୁ ଅବଗତ କରାଇବେ ଏବଂ କମିଶନ୍‌ଙ୍କ ଅନୁମୋଦନ କ୍ରମେ ଆବେଦିତ ସୂଚନାକୁ ଆବେଦନ ମିଳିବାର ମୋଟ୍ ୪୦ଦିନ ମଧ୍ୟରେ ପ୍ରକଟନ କରିବେ । ଏଠାରେ ଉଲ୍ଲେଖନୀୟ ଯେ, ମୂଳ ଆଇନ୍‌ରେ ପ୍ରଥମେ ଜାତୀୟ ସ୍ତରରେ ୧୮ଟି ଏତାଦୃଶ ସଂସ୍ଥାକୁ ଚିହ୍ନଟ କରାଯିବା ସହିତ ସମୟାନ୍ତରରେ ଏହି ତାଲିକାରେ ସଂଶୋଧନ ଆଣିବା ପାଇଁ କେନ୍ଦ୍ର ସରକାରଙ୍କୁ କ୍ଷମତା ଦିଆଯାଇଥିଲା । ରାଜ୍ୟ ସ୍ତରରେ ଏତାଦୃଶ ସଂସ୍ଥାମାନଙ୍କର ତାଲିକା ନିର୍ଣ୍ଣୟ ଓ ସମୟାନ୍ତରରେ ସଂଶୋଧନ ପୂର୍ବକ ବିଜ୍ଞାପିତ କରିବା ପାଇଁ ପ୍ରତି ରାଜ୍ୟ ସରକାରଙ୍କୁ ଅନୁରୂପ କ୍ଷମତା ପ୍ରଦାନ କରାଯାଇଛି । ଓଡିଶା ସରକାର ତାଙ୍କର ୨୯ ଅକ୍ଟୋବର ୨୦୦୫ ବିଜ୍ଞପ୍ତି ବଳରେ ଏ ପର୍ଯ୍ୟନ୍ତ ମୋଟ୍ ପାଞ୍ଚଟି ସଂସ୍ଥାକୁ ବିଜ୍ଞାପିତ କରିଛନ୍ତି, ଯଥା- ରାଜ୍ୟ ସ୍ପେଶାଲ୍ ବ୍ରାଞ୍ଚ, ସତନ୍ତ୍ର ଗୁଇନ୍ଦା ଶାଖା, ସ୍ପେଶାଲ ଅପରେସନ୍ ଗ୍ରୁପ୍‌ସ, କ୍ରାଇମ୍ ବ୍ରାଞ୍ଚ ଏବଂ ଜିଲ୍ଲା ଏସ୍.ପି.ଙ୍କ କାର୍ଯ୍ୟାଳୟ ଅଧୀନରେ କ୍ରିୟାଶୀଳ ଥିବା ଜିଲ୍ଲା ଗୁଇନ୍ଦା ବ୍ୟୁରୋ ।

**ସୂଚନାରୁ ବଞ୍ଚିତ ହେଲେ ପ୍ରତିକାରର ଦୁଇଟି ମାର୍ଗ-**

ଆପଣଙ୍କୁ ସୂଚନା ନମିଳିଲେ କିମ୍ବା କୌଣସି ପ୍ରକାର ବାଧାର ସମ୍ମୁଖୀନ ହେଲେ, ଏଥିପାଇଁ ପ୍ରତିକାରର ମଧ୍ୟ ଦୁଇଟି ରାସ୍ତା ଅଛି, ଗୋଟିଏ ହେଲା, ଧାରା ୧୯ ଅଧୀନରେ ପ୍ରଥମ ଓ ଦ୍ୱିତୀୟ ଅପିଲ୍ ବ୍ୟବସ୍ଥା ଏବଂ ଦ୍ୱିତୀୟଟି ହେଲା, ଧାରା ୧୮ ଅଧୀନରେ ଅଭିଯୋଗ ବ୍ୟବସ୍ଥା । ଓଡିଶା ପରିପ୍ରେକ୍ଷୀରେ ଆପଣଙ୍କୁ ଅପିଲ୍ କରିବାକୁ ହେଲେ, ପ୍ରଥମ ଓ ଦ୍ୱତୀୟ ଅପିଲ୍ ପାଇଁ ଯଥାକ୍ରମେ ଫର୍ମ-ଡି ଏବଂ ଫର୍ମ-ଇ ବ୍ୟବହାର କରିବାକୁ ପଡିବ ଏବଂ ଏ ବାବଦରେ ଯଥାକ୍ରମେ ୨୦ଟଙ୍କା ଓ ୨୫ଟଙ୍କାର କୋର୍ଟ ଫିସ୍ ଲଗାଇବାକୁ ପଡିବ । ପୁଣି, ପ୍ରଥମ ଅପିଲ୍‌ର ରାୟ ଶୁଣିବା ପାଇଁ ଆପଣଙ୍କୁ ୩୦ରୁ ୪୫ଦିନ ପର୍ଯ୍ୟନ୍ତ ଅପେକ୍ଷା କରିବାକୁ ପଡିପାରେ । କେବଳ ପ୍ରଥମ ଅପିଲ୍‌ର ଶୁଣାଣି ଶେଷ ହେବା ପରେ ଆପଣ ସୂଚନା କମିଶନ୍‌ଙ୍କ ନିକଟରେ ଦ୍ୱିତୀୟ ଅପିଲ୍ ଦାଖଲ କରିପାରିବେ, ଅନ୍ୟଥା ନୁହେଁ । କିନ୍ତୁ ଆଉ ଗୋଟିଏ ରାସ୍ତା ଅଛି, ତାହା ହେଲା ଧାରା ୧୮, ଯାହା ବଳରେ ଆପଣ ସିଧାସଳଖ ସୂଚନା କମିଶନ୍‌ଙ୍କ ନିକଟରେ ଯାବତୀୟ କାରଣ ପାଇଁ ଅଭିଯୋଗ କରିପାରିବେ; ଏଥିପାଇଁ କୌଣସି ଫର୍ମ କିମ୍ବା ଫିସ୍‌ର ଆବଶ୍ୟକ ନାହିଁ । ଅବଶ୍ୟ ଏକଥା ସତ, କେନ୍ଦ୍ରୀୟ ବା ରାଜ୍ୟ କମିଶନ୍ କେତେଦିନ ଭିତରେ ଆପଣଙ୍କର ଅଭିଯୋଗ ବା ଅପିଲ୍‌କୁ ଶୁଣାଣି କରି ନିଷ୍ପତ୍ତି ଶୁଣାଇବେ, ସେ ସମ୍ବନ୍ଧରେ ମୂଳ ଆଇନ୍‌ରେ କୋଣସି ସମୟସୀମା ସୂଚୀତ ହୋଇନାହିଁ ।

**କେନ୍ଦ୍ରୀୟ ଓ ରାଜ୍ୟ ସୂଚନା କମିଶନ୍‌ଙ୍କ ଠିକଣା-**

**Central Information Commission**
Club Building, Old JNU Campus, New Delhi - 110 067.
Phone:011-26161137, 26105041 Fax: 011-26186536
Email: secy-cic@nic.in (Secretary), **Website-** http://cic.gov.in

**Orissa Information Commission**
Block B1, Toshali Plaza, Satyanagar, Bhubaneswar-751007
Telephone: 0674-2573403 (Registrar), Email: orissasoochana@ori.nic.in, Website: http://orissasoochanacommission.nic.in

**ଦଣ୍ଡବିଧାନ ଓ କ୍ଷତିପୂରଣ ବ୍ୟବସ୍ଥା-**

ସୂଚନା ଅଧିକାର ଆଇନ୍‌ର ଧାରା ୧୮ ଅନୁଯାୟୀ କମିଶନ୍ ଯେ କୌଣସି ବିଷୟରେ ଏକ ତଦନ୍ତ ଆରମ୍ଭ କରିପାରନ୍ତି ଏବଂ ଏକ କେଶ୍‌ର ଶୁଣାଣି ଓ ଫଇସଲା କଲାବେଳେ କମିଶନ୍‌ଙ୍କର ସେହିସବୁ କ୍ଷମତା ରହିବ ଯାହାକି ଏକ ଦେଓ୍ୱାନି ଅଦାଲତ ଉପରେ ନ୍ୟସ୍ତ ଥାଏ । ଧାରା ୨୦ ଅନୁଯାୟୀ ଯଦି ଜଣେ ଜନସୂଚନା ଅଧିକାରୀ ଜାଣିଶୁଣି ସୂଚନା ପାଇଁ ଦରଖାସ୍ତକୁ ଗ୍ରହଣ ନକରନ୍ତି, ବିନିର୍ଦ୍ଦିଷ୍ଟ ସମୟସୀମା ଭିତରେ ସୂଚନା ନଯୋଗାନ୍ତି, ଯୁକ୍ତିଯୁକ୍ତ କାରଣ ନଥାଇ ସୂଚନା ଦେବାକୁ ମନା କରନ୍ତି, ଅସତ୍ୟ, ଅସଂପୂର୍ଣ୍ଣ ଓ ବିଭ୍ରାନ୍ତିକର ସୂଚନା ଦେଇଥାନ୍ତି, ସଂପୃକ୍ତ ସୂଚନାକୁ ନଷ୍ଟ କରିଦେଇଥାନ୍ତି ବା ସୂଚନା ପ୍ରଦାନ କରିବାରେ କୌଣସି ବାଧା ସୃଷ୍ଟି କରିଥାନ୍ତି, ତେବେ ସଂପୃକ୍ତ ଅଧିକାରୀଙ୍କ ବିରୁଦ୍ଧରେ କମିଶନ୍ ଦଣ୍ଡବିଧାନ ଘୋଷଣା କରିପାରିବେ । ନିର୍ଦ୍ଧାରିତ ସମୟସୀମା ଠାରୁ ଯେତିକି ବିଳମ୍ବରେ ଆବେଦିତ ସୂଚନା ଆବେଦନକାରୀଙ୍କ ନିକଟରେ ପହଞ୍ଚିବ, ପ୍ରତିଦିନର ବିଳମ୍ବ ପାଇଁ ୨୫୦ଟଙ୍କା ହିସାବରେ ପଚିଶ ହଜାର ଟଙ୍କା ପର୍ଯ୍ୟନ୍ତ ସର୍ବାଧିକ ଜୋରିମାନା ଲାଗୁ ହୋଇପାରିବ । ଏହାଛଡା ଯେଉଁ ଜନସୂଚନା ଅଧିକାରୀମାନେ ଲଗାତାର ଉକ୍ତ ଧରଣର ଉଲ୍ଲଂଘନ ଘଟାଇ ଚାଲିବେ, ସେମାନଙ୍କ ବିରୁଦ୍ଧରେ ପ୍ରଯୁଜ୍ୟ ଚାକିରୀ ନିୟମାବଳୀ ଅନୁଯାୟୀ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ (ଯଥା ବଦଳି, ଛଟେଇ, ପଦୋନ୍ନତିରୁ ଅବ୍ୟାହତି, ବରଖାସ୍ତ ଇତ୍ୟାଦି) ଗ୍ରହଣ କରାଯାଇପାରିବ । ଏହାଛଡା ଆଇନ୍‌ର ଧାରା ୧୯(୮-ବି) ଅନୁଯାୟୀ ସୂଚନାରୁ ବଞ୍ଚିତ ହେବା କାରଣରୁ କ୍ଷତିଗ୍ରସ୍ତ ହୋଇଥିବା ନାଗରିକଙ୍କୁ କ୍ଷତିଭରଣା ଦେବା ପାଇଁ କମିଶନ୍ ସଂପୃକ୍ତ ଜନ କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦେଇ ପାରିବେ ।

**ସୂଚନା କମିଶନ୍‌ଙ୍କ ଅନ୍ୟାନ୍ୟ କର୍ତ୍ତବ୍ୟ-**

ଅଭିଯୋଗ ଓ ଅପିଲ୍ ଶୁଣାଣି କ୍ଷେତ୍ରରେ କେନ୍ଦ୍ରୀୟ ବା ରାଜ୍ୟ ସୂଚନା କମିଶନ୍ ଏକ ଦେଓ୍ୱାନି ଅଦାଲତ ରୂପେ କାର୍ଯ୍ୟ କରିବା ସହିତ ଯଥାସ୍ଥିତି ଜାତୀୟ ବା ରାଜ୍ୟ ସ୍ତରରେ ସୂଚନା ଅଧିକାର ଆଇନ୍‌ର ସଫଳ କାର୍ଯ୍ୟକାରିତା ସ୍ୱାର୍ଥରେ ଅନ୍ୟ କେତେକ ପ୍ରମୁଖ କର୍ତ୍ତବ୍ୟ ସଂପାଦନ ପାଇଁ ଉତ୍ତରଦାୟୀ ରହିବେ । ଧାରା ୨୫ ଅନୁଯାୟୀ ସେଗୁଡିକ ହେଲା-

- କେନ୍ଦ୍ରରେ ବା ରାଜ୍ୟରେ ପ୍ରତି ଜନ କର୍ତ୍ତୃପକ୍ଷ ଆଇନ୍‌କୁ କିଭଳି କାର୍ଯ୍ୟକାରୀ କରିଛନ୍ତି, ସେ ସମ୍ବନ୍ଧରେ ବିଶଦ୍ ତଥ୍ୟାବଳୀକୁ ସଂକଳନ କରି ଏକ ବାର୍ଷିକ ରିପୋର୍ଟ ପ୍ରସ୍ତୁତ କରିବେ, ଯାହାକି ଯଥାସ୍ଥିତି ଜାତୀୟ ସଂସଦ ବା ରାଜ୍ୟ ଆଇନ୍‌ସଭା ସମ୍ମୁଖରେ ଉପସ୍ଥାପନ କରାଯିବ ।
- କେନ୍ଦ୍ରରେ ବା ରାଜ୍ୟରେ କୌଣସି ଜନ କର୍ତ୍ତୃପକ୍ଷ ଯଦି ଆଇନ୍‌ର ଭାବ ବା ଭାଷାକୁ ଉଲ୍ଲଂଘନ କଲାଭଳି ଆଚରଣ କରୁଥାନ୍ତି, ତେବେ ଆଇନ୍ ଅନୁଯାୟୀ ନିଜର ଆଚରଣକୁ ସଂଗତିଶୀଳ କରିବା ପାଇଁ କମିଶନ୍ ସଂପୃକ୍ତ ଜନ କର୍ତ୍ତୃପକ୍ଷଙ୍କୁ ସୁପାରିଶ୍ କରିବେ ।

**କେନ୍ଦ୍ର ବା ରାଜ୍ୟ ସରକାରଙ୍କ ପ୍ରମୁଖ କର୍ତ୍ତବ୍ୟମାନ-**

ଧାରା ୫ ଅନୁଯାୟୀ କେନ୍ଦ୍ର ବା ରାଜ୍ୟ ସରକାର ନିଜ ନିଜ ପରିସର ଭିତରେ ଜନ ସୂଚନା ଅଧିକାରୀ ଓ ସହକାରୀ ଜନ ସୂଚନା ଅଧିକାରୀ ତଥା ପ୍ରଥମ ଅପିଲ୍ କର୍ତ୍ତୃପକ୍ଷମାନଙ୍କୁ ନିଯୁକ୍ତ କରିବେ ଏବଂ ଧାରା ୨୭ ଅଧୀନରେ ବର୍ଣ୍ଣୀତ ବିଷୟଗୁଡିକ ଉପରେ ଉପଯୁକ୍ତ ନିୟମାବଳୀ ପ୍ରଣୟନ କରିବେ । ଏହି ଦୁଇଟି ପ୍ରମୁଖ ଦାୟିତ୍ୱ ସହିତ କେନ୍ଦ୍ର ଓ ରାଜ୍ୟ ସରକାରମାନେ ନିଜ ନିଜର କ୍ଷେତ୍ରାଧିକାର ଭିତରେ ଆଇନ୍‌ର ସଫଳ କାର୍ଯ୍ୟକାରିତା ପାଇଁ ଆଉ କେତେକ କର୍ତ୍ତବ୍ୟ ପାଳନ କରିବେ, ଯାହାକି ଧାରା ୨୬ରେ ବିସ୍ତାରିତ ଭାବେ ବର୍ଣ୍ଣନା କରାଯାଇଛି । ସଂକ୍ଷେପରେ ସେଗୁଡିକ ହେଲା-

- ସାଧାରଣ ଜନତା, ବିଶେଷ କରି ଦୁରାବସ୍ଥା-ଗ୍ରସ୍ତ ଜନସାଧାରଣଙ୍କ ପାଇଁ ଏହି ଆଇନ୍‌ରେ ଥିବା ଅଧିକାର ସମ୍ବନ୍ଧରେ ସେମାନଙ୍କୁ ବୋଧଗମ୍ୟ ହେବା ଢଙ୍ଗରେ ଶିକ୍ଷା ଓ ସଚେତନତା କାର୍ଯ୍ୟକ୍ରମ ଆୟୋଜନ କରିବା ।
- ଜନକର୍ତ୍ତୃପକ୍ଷସମୂହ ତଥା ସେମାନଙ୍କ ଅଧୀନରେ ନିଯୁକ୍ତ ହୋଇଥିବା ଜନ ସୂଚନା ଅଧିକାରୀମାନଙ୍କୁ ସମନ୍ୱୟବଦ୍ଧ ଓ ଫଳପ୍ରଦ ଭାବେ ସୂଚନା ଯୋଗାଣ ଓ ପ୍ରସାରଣ ପାଇଁ ପ୍ରୋତ୍ସାହନ ଓ ପ୍ରଶିକ୍ଷଣ ଅଅୟୋଜନ କରିବା ।
- ଆଇନ୍ ଲାଗୁ ହେବାର ଅଠର ମାସ ଭିତରେ ଏହି ଆଇନ୍ ସମ୍ବନ୍ଧରେ ସରକାରୀ ଭାଷାରେ ବୋଧଗମ୍ୟ ହେବା ଭଳି ଏକ ମାର୍ଗଦର୍ଶୀକା ପ୍ରକାଶ କରିବେ, ଏବଂ ଏହାକୁ ସମୟାନ୍ତରରେ ଅଦ୍ୟତନ କରିବେ, ଯେଉଁଥିରେ ନିମ୍ନୋକ୍ତ କେତେକ ଗୁରୁତ୍ୱପୂର୍ଣ୍ଣ ସୂଚନା ଅନ୍ତର୍ଭୁକ୍ତ ରହିଥିବ –

  - ପ୍ରତି ଜନ କର୍ତ୍ତୃପକ୍ଷଙ୍କ ଅଧୀନରେ ନିଯୁକ୍ତ ହୋଇଥିବା ଜନସୂଚନା ଅଧିକାରୀମାନଙ୍କର ଡାକ ଓ ଇମେଲ୍ ଠିକଣା ଓ ଫୋନ୍ ଓ ଫ୍ୟାକ୍ସ ନମ୍ବର; ସେମାନଙ୍କୁ କେମିତି ଯୋଗାଯୋଗ କରିହେବ ତଥା ସେମାନଙ୍କର କର୍ତ୍ତବ୍ୟାବଳୀ ଓ ସେମାନଙ୍କ ଠାରୁ କିପରି ସହାୟତା ମିଳିପାରିବ ;

  - ସୂଚନା କମିଶନ୍‌ଙ୍କ ଠାରୁ କି ପ୍ରକାର ସହାୟତା ମିଳି ପାରିବ ;

  - ଏହି ଆଇନ୍ ଅଧୀନରେ ନ୍ୟସ୍ତ ହୋଇଥିବା କୌଣସି ଅଧିକାରକୁ ହାସଲ କରିବା ବା ଦାୟିତ୍ୱକୁ ସଂପାଦନ କରିବା କ୍ଷେତ୍ରରେ ଅବହେଳା ଘଟିଲେ ପ୍ରଚଳିତ ବିଧିବିଧାନରେ ଥିବା ତହିଁର ପ୍ରତିକାରର ମାର୍ଗ ତଥା ସୂଚନା କମିଶନ୍‌ଙ୍କ ନିକଟରେ ଅପିଲ୍ କରିବା ପଦ୍ଧତି ସମ୍ବନ୍ଧୀୟ ସୂଚନା ;

  - ଧାରା ୪ ଅନୁଯାୟୀ କିଭଳି ସ୍ୱେଚ୍ଛାକୃତ ଭାବେ ସଂପୃକ୍ତ ସୂଚନାବଳୀକୁ ପ୍ରକଟନ କରାଯିବ;

  - ଆବେଦିତ ସୂଚନାର ମୂଲ୍ୟ ପଇଠ ପାଇଁ କିଭଳି ନୋଟିସ୍ ପଠାଯିବ; ତଥା

  - ଏହି ଆଇନ୍ ଅଧୀନରେ ହନସାଧାରଣଙ୍କ ଦ୍ୱାରା ସୂଚନା ହାସଲକୁ ସୁଗମ କରିବା ଉଦ୍ଦେଶ୍ୟରେ ଯାହାକିଛି ଅତିରିକ୍ତ ମାର୍ଗଦର୍ଶୀକା ବା ନିର୍ଦ୍ଦେଶାବଳୀ ବା ପରିପତ୍ର ଜାରି କରାଯାଇଥିବ ।

ଏଠାରେ ଉଲ୍ଲେଖନୀୟ ଯେ, କେନ୍ଦ୍ର ସରକାରଙ୍କ ସଂଯୋଜକ ସଂସ୍ଥା କର୍ମୀନିୟୋଜନ, ସର୍ବସାଧାରଣ ଅଭିଯୋଗ ଏବଂ ପେନ୍‌ସନ ମନ୍ତ୍ରଣାଳୟ ଧାରା-୨୬ ଅନୁଯାୟୀ ନିଜର କର୍ତ୍ତବ୍ୟ ଅଳ୍ପ ବହୁତ ସମ୍ପାଦନ କରିଥିବା ବେଳେ ଓଡିଶା ସରକାରଙ୍କ ସଂଯୋଜକ ସଂସ୍ଥା ସୂଚନା ଓ ଲୋକସଂପର୍କ ବିଭାଗ କୌଣସି ଏକ କର୍ତ୍ତବ୍ୟ ଆଖିଦୃଶିଆ ଭାବେ କରିଥିବାର ନଜିର୍ ନାହିଁ । ଏହାର ପ୍ରତିକାର ପାଇଁ ରାଜ୍ୟ ସୂଚନା କମିଶନ୍‌ଙ୍କ ନିକଟରେ ଧାରା-୨୫ ଅନୁଯାୟୀ ଅଭିଯୋଗ କରିହେବ ନଚେତ୍ ସମ୍ବିଧାନ ଅନୁଯାୟୀ ରାଜ୍ୟ ସରକାରଙ୍କ ସର୍ବୋଚ୍ଚ କାର୍ଯ୍ୟନିର୍ବାହୀ କର୍ତ୍ତୃପକ୍ଷ ଭାବେ ବିବେଚିତ ହେଉଥିବା ରାଜ୍ୟପାଳଙ୍କ ନିକଟରେ ଅଭିଯୋଗ କରିହେବ ।

**ସୂଚନା କମିଶନ୍‌ଙ୍କ ବିରୁଦ୍ଧରେ ଅଭିଯୋଗ -**

ଆପଣଙ୍କ ଅଭିଯୋଗ ବା ଅପିଲ୍‌କୁ ଶୁଣାଣି କରି ଯଦି କେନ୍ଦ୍ରୀୟ ବା ରାଜ୍ୟ ସୂଚନା କମିଶନ୍ ଯଥୋଚିତ ନ୍ୟାୟ ପ୍ରଦାନ ନକରନ୍ତି ବା ଶୁଣାଣି କରିବାରେ ଅତିରିକ୍ତ ବିଳମ୍ବ ଘଟାନ୍ତି, ଅଥବା ବାର୍ଷିକ ରିପୋର୍ଟ ପ୍ରସ୍ତୁତ କରିବାରେ ଅତିରିକ୍ତ ବିଳମ୍ବ ବା ଗୁରୁତର ଦୋଷତ୍ରୁଟି ଦେଖାନ୍ତି ଅଥବା ଜନ କର୍ତ୍ତୃପକ୍ଷମାନଙ୍କ ଉପରେ ନିଜର ତଦାରଖକାରୀ ଭୂମିକା ପାଳନ କରିବାରେ ଅସମର୍ଥ ହୁଅନ୍ତି, ତେବେ ଆପଣ ଆଇନ୍‌ର ଧାରା ୧୭ ଅଧୀନରେ କମିଶନ୍‌ଙ୍କ ବିରୁଦ୍ଧରେ ଯଥାସ୍ଥିତି ରାଷ୍ଟ୍ରପତି ବା ରାଜ୍ୟପାଳଙ୍କ ନିକଟରେ ସାଦା କାଗଜରେ ଏବଂ ବିନା ଫର୍ମ କିମ୍ବା ଫିସ୍‌ରେ ଅଭିଯୋଗ ଦାଖଲ କରିପାରନ୍ତି । ରାଷ୍ଟ୍ରପତି ବା ରାଜ୍ୟପାଳ ଆପଣଙ୍କ ଅଭିଯୋଗକୁ ଜଣେ ସୁପ୍ରିମ୍ କୋର୍ଟର ବିଚାରପତିଙ୍କ ଦ୍ୱାରା ତଦନ୍ତ କରାଇବା ପରେ ନଚେତ୍ ସିଧାସଳଖ ସଂପୃକ୍ତ କମିଶନ୍‌ଙ୍କୁ ନିଲମ୍ବନ ବା ବହିଷ୍କାର କରିପାରନ୍ତି ।

## ବିଶେଷ ଦ୍ରଷ୍ଟବ୍ୟ :

ସୂଚନା ଅଧିକାର ଆଇନ୍ ୨୦୦୫ ଅଧୀନରେ ଆଉ କେତେକ ଲୋକାଭିମୁଖୀ ବ୍ୟବସ୍ଥା ସ୍ଥାନିତ ହୋଇଛି, ଯାହାକୁ ଆପଣମାନେ ଜାଣିବା ଏବଂ ପ୍ରୟୋଗ କରିବା ଜରୁରୀ। ସେଗୁଡିକ ହେଲା-

- ☐ ଧାରା ୫(୨) ଅନୁଯାୟୀ ଆପଣଙ୍କ ଅଭିଯୋଗକୁ କମିଶନ୍‌ଙ୍କ ନିକଟକୁ ପ୍ରେରଣ କରିବା ହେଉଛି ଜନସୂଚନା ଅଧିକାରୀଙ୍କର କର୍ତ୍ତବ୍ୟ । ଯଦି ସେ ଏଥିରେ ଅବହେଳା କରନ୍ତି, ତେବେ ଏହା ବିରୁଦ୍ଧରେ ମଧ ଆପଣ ଧାରା ୧୮ (୧) ଅନୁଯାୟୀ କମିଶନ୍‌ଙ୍କ ନିକଟରେ ଅଭିଯୋଗ କରିପାରନ୍ତି ।
- ☐ ଯଦି ସଂପୃକ୍ତ କାର୍ଯ୍ୟାଳୟର ଜନସୂଚନା ଅଧିକାରୀ ଆଇନର ଧାରା ୫(୨) ଅନୁଯାୟୀ ଆପଣଙ୍କର ଅଭିଯୋଗକୁ ସୂଚନା କମିଶନଙ୍କ ନିକଟକୁ କାର୍ଯ୍ୟାନୁଷ୍ଠାନ ପାଇଁ ପଠାଇବାକୁ ମନା କରନ୍ତି, ତେବେ ଆପଣ ଓଡ଼ିଶା ସୂଚନା କମିଶନ୍ (ଅପିଲ୍ ପଦ୍ଧତି) ନିୟମାବଳୀ-୨୦୦୬ର ନିୟମ-୬ ଅନୁଯାୟୀ ନିଜେ ପ୍ରାପ୍ତି ସ୍ୱୀକାର ରସିଦ୍ ଥିବା ରେଜିଷ୍ଟର୍ଡ ଡାକରେ ଓଡ଼ିଶା ସୂଚନା କମିଶନ୍‌ଙ୍କ ରେଜିଷ୍ଟ୍ରାରଙ୍କୁ ସମ୍ବୋଧନ କରି ଧାରା ୧୮(୧) ଅଧିନସ୍ଥ ଅଭିଯୋଗ ପଠାଇପାରିବେ ।
- ☐ ସୂଚନା ପ୍ରାପ୍ତିରୁ ବଞ୍ଚିତ ହେବା ଫଳରେ ଆପଣଙ୍କର କି ସବୁ କ୍ଷତି ଘଟିଛି ଓ ସଂପୃକ୍ତ ଜନକର୍ତ୍ତୃପକ୍ଷ ଧାରା ୧୯(୮ବି) ଅନୁଯାୟୀ ଆପଣଙ୍କର କି ପ୍ରକାର କ୍ଷତିଭରଣା କରିବା ଦରକାର, ତାହା ନିଜର ଅଭିଯୋଗ ପତ୍ରରେ ସ୍ପଷ୍ଟଭାବେ ଉଲ୍ଲେଖ କରନ୍ତୁ ।
- ☐ ଧାରା ୧୯(୫) ଓ ୨୦(୧) ଅନୁଯାୟୀ ଯେ କୌଣସି ଅଭିଯୋଗର ଶୁଣାଣିବେଳେ ନିଜକୁ ନିର୍ଦ୍ଦୋଷ ସାବ୍ୟସ୍ତ କରିବାର ପ୍ରମାଣ-ଭାର ଓ ଦାୟ-ଦାୟିତ୍ୱ ଅଭିଯୁକ୍ତ ଜନସୂଚନା ଅଧିକାରୀଙ୍କର ।
- ☐ ଓଡ଼ିଶା ସୂଚନା ଅଧିକାର (ସଂଶୋଧନ) ନିୟମାବଳୀ ୨୦୦୬ର ନିୟମ-୨ ଅନୁଯାୟୀ ପ୍ରତି ଅଫିସ୍‌ରେ ୨ଟି ରେଜିଷ୍ଟର ରହିବ; ପ୍ରଥମ ରେଜିଷ୍ଟରରେ ଧାରା-୬ ଅଧୀନରେ ସୂଚନା ପାଇଁ ଦରଖାସ୍ତକାରୀଙ୍କ ସମ୍ବନ୍ଧରେ ବିବରଣୀ ଓ ଦ୍ୱିତୀୟ ରେଜିଷ୍ଟରରେ ଧାରା-୪ ଅଧିନସ୍ଥ ସୂଚନାଗୁଡ଼ିକର ନିରୀକ୍ଷଣ ବା ଇନିସ୍‌ପେକ୍ସନ କରୁଥିବା ବ୍ୟକ୍ତିଙ୍କ ସମ୍ବନ୍ଧରେ ବିବରଣୀ ଲିପିବଦ୍ଧ ରହିବ ଓ ସେଗୁଡ଼ିକ ଧାରା ୪ ଅନୁଯାୟୀ ସ୍ୱୟଂ ପ୍ରକଟନୀୟ ସୂଚନା ରୂପେ ସର୍ବସାଧାରଣଙ୍କ ଇନ୍‌ସ୍ପେକ୍‌ସନ୍ ପାଇଁ ଉନ୍ମୁକ୍ତ ରହିବ ।
- ☐ ଧାରା-୬ ଅଧୀନରେ ଇନ୍‌ସ୍ପେକସନ୍ କଲେ ଓଡ଼ିଶା ସୂଚନା ଅଧିକାର (ସଂଶୋଧନ) ନିୟମାବଳୀ -୨୦୦୬ ର ସଂଶୋଧିତ ମୂଲ୍ୟସୂଚୀ ଅନୁଯାୟୀ ପ୍ରଥମ ଘଣ୍ଟାର ଇନ୍‌ସ୍ପେକ୍‌ସନ୍ ମାଗଣା ଓ ପରବର୍ତ୍ତୀ ଘଣ୍ଟା ପିଛା ୨୦ ଟଙ୍କା। କିନ୍ତୁ ଧାରା-୪ ଅଧୀନରେ ଇନ୍‌ସ୍ପେକସନ୍ ପାଇଁ ଓଡିଶା ନିୟମାବଳୀରେ କୌଣସି ଫିସ୍ ବିହିତ ହୋଇନାହିଁ।
- ☐ ସବୁବେଳେ ମନେ ରଖିବେ, ଧାରା-୬ ଅଧୀନରେ ଦରଖାସ୍ତ ପାଇଁ ଫର୍ମ-ଏ କିମ୍ବା ଧାରା ୧୯ ଅଧୀନରେ ୧ମ କିମ୍ବା ୨ୟ ଅପିଲ୍ ପାଇଁ ଯଥାକ୍ରମେ ଫର୍ମ-ଡି ଓ ଫର୍ମ-ଇ ତଥା ଅପିଲ୍ ଫିସ୍ କେବଳ ଓଡିଶା ସରକାରଙ୍କ ଦପ୍ତର କ୍ଷେତ୍ରରେ ଲାଗୁ ହେଉଛି। କେନ୍ଦ୍ର ସରକାରଙ୍କ ଦପ୍ତର କ୍ଷେତ୍ରରେ ଆବେଦନ ପାଇଁ କୌଣସି ଫର୍ମ କିମ୍ବା ଅପିଲ୍ ପାଇଁ କୌଣସି ଫର୍ମ ବା ଫିସ୍ ପ୍ରଯୁଜ୍ୟ ନୁହେଁ।

***(Designed in public interest by Chitta Behera, 4A Jubilee Tower, Choudhury Bazar, Cuttack-9, Orissa Email: chittabehera1@yaho.co.in, Mobile: 9437577546, Dt.5th April 2009)***